بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩ ଅପ୍ରେଲ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

# ହଜରତ ମସିହ ମଉଦ[ଅ.ସ]ଙ୍କର ବ୍ରହ୍ମଜ୍ଞାନ ସମ୍ପନ୍ନ ହିତବାଣୀ ଆଲୋକରେ ଈଶ୍ୱରଙ୍କ ଏକତ୍ୱର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଦ୍ଦାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଏକେଶ୍ୱରବାଦକୁ ସଂସାରରେ ସ୍ଥାପନ କରିବା ସକାଶେ ଯେଉଁ ଦରଦ, ପ୍ରଯତ୍ନ ଓ ସତ୍‌ସାହସ ରଖୁଥିଲେ ତଥା **ଶିର୍କ** (ଈଶ୍ୱରଙ୍କ ସମକକ୍ଷ କରିବା)ର ମୂଳୋତ୍ପାଟନ କରିବାକୁ ପ୍ରତ୍ୟେକ ଦିଗରୁ ମହାଭାଗ ଏକ ମଜବୁତ୍ ଚଟ୍ଟାଣ ସଦୃଶ ଦଣ୍ଡାୟମାନ ହୋଇଯାଉଥିଲେ ଏବଂ ପ୍ରତ୍ୟେକ ଜାତିର **ଶିର୍କ** କରିବାର ଅପବିତ୍ର ପ୍ରଥା ଓ ପରମ୍ପରା ବିରୁଦ୍ଧରେ ଛିଡ଼ା ହୋଇଯାଉଥିଲେ । ଆଉ ପୁଣ୍ୟଶ୍ଳୋକଙ୍କର ସତ କହିବା ଓ ସାକ୍ଷ୍ୟ ଦେବା ସଂକ୍ରାନ୍ତରେ ଆମେ ପୂର୍ବରୁ (ଅନେକ) ବର୍ଣ୍ଣନା ପାଠ କରି ସାରିଛେ । ଏହି ପରିପ୍ରେକ୍ଷୀରେ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଚିନ୍ତା କରିବା ଉଚିତ୍ ଯେ କିପରି ନବୀଶିରୋମଣୀ ନିଜ ଅବତାରତ୍ୱର ଦାବି କରିବାରେ ଯଦିଚ ତାହା ବିରୁଦ୍ଧରେ ସହସ୍ର ଭୟଙ୍କର ଓ ଲକ୍ଷାଧିକ ଅମଙ୍ଗଳକାରୀ ତଥା ଅନିଷ୍ଟକାରୀ, ବିରୋଧୀଙ୍କ ସତ୍ତ୍ୱେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଟଳ ଓ ଅବିଚଳତାର ସହିତ ପ୍ରତିଷ୍ଠିତ ରହିଥିଲେ ।

ପୁନଶ୍ଚ କହିଲେ; ଏପରି ସ୍ପଷ୍ଟ ଉକ୍ତିରେ ଏକେଶ୍ୱରବାଦ ପ୍ରସଙ୍ଗରେ ଉପଦେଶ ଦେଇ ସକଳ ଜାତି ଓ ସମ୍ପ୍ରଦାୟ ତଥା ସମଗ୍ର ବିଶ୍ୱର ଲୋକମାନଙ୍କୁ ଯିଏକି **ଶିର୍କ**ରେ ନିବିଷ୍ଟ ରହିଥିଲେ, ସେମାନଙ୍କୁ ନିଜର ବିରୋଧୀ ତଥା ପରମ ଶତ୍ରୁ କରିନେଲେ... ତେଣୁ ଚିନ୍ତା କରିବା ବିଷୟ ଯେ କ୍ଷଣକରେ ସମସ୍ତ ସମ୍ପର୍କ ଓ ବନ୍ଧୁତାକୁ ବିଗାଡ଼ି ଦେବା ତାହା ପୁଣି କେବଳ ଏକେଶ୍ୱରବାଦ ପାଇଁ ଯାହାକୁ ସେହି କାଳରେ ଏତେ ଘୃଣା ମଧ୍ୟ କରାଯାଉ ନଥିଲା ଏବଂ ଯାହା ଫଳରେ ଶତସହସ୍ର ସମସ୍ୟା ଓ ଶତ୍ରୁତାକୁ ଆଦରି ନେବା ଥିଲା, ଏପରିକି ନିଜ ଜୀବନ ଯିବାର ମଧ୍ୟ ଭୟ ରହିଥିଲା । ତଥାପି ସେଥିରେ (ଅର୍ଥାତ୍ ନିଜ କାର୍ଯ୍ୟରେ) ଅଟଳ ରହି ତାହାକୁ ଜାରି ରଖିବା ଏହା କେଉଁ ଧାର୍ମିକ ଉଦ୍ଦେଶ୍ୟ ଆବଶ୍ୟକ କରୁଥିଲା । ଏତଦ୍ ବ୍ୟତୀତ ଯେତେବେଳେ ଜଣେ ଜ୍ଞାନବନ୍ତ ବ୍ୟକ୍ତି ସେହି ପରିସ୍ଥିତିର ଅନୁଧ୍ୟାନ କରେ ଯେ ସେହି ଯୁଗ ଯହିଁରେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଆବିର୍ଭୂତ ହୋଇଥିଲେ, ବାସ୍ତବରେ ଏପରି ଯୁଗ ଥିଲା ଯାହାର ଅବସ୍ଥା ଜଣେ ମହାନ, ପବିତ୍ର, ସୁଧାରକ ଓ ଦିବ୍ୟ ମାର୍ଗଦର୍ଶକଙ୍କ ଆଗମନର ନିହାତି ଆବଶ୍ୟକତା ଥିଲା । ଯେଉଁ ଶିକ୍ଷା ଦିଆଯାଇଥିଲା ତାହା ବାସ୍ତବପକ୍ଷେ ସତ୍ୟ ଓ ପବିତ୍ର ଥିଲା ଏବଂ ତାହା ଅତ୍ୟନ୍ତ ଲୋଡ଼ା ଥିଲା ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଏକେଶ୍ୱରବାଦ ଯାହାକି ମୁକ୍ତି ପ୍ରାପ୍ତ କରିବାର ମୂଳମନ୍ତ୍ର । କେଉଁ ପୁସ୍ତକ ମାଧ୍ୟମରେ ସଂସାରରରେ ସର୍ବାଧିକ ପ୍ରକାଶିତ ହୋଇଛି... କୁହ ତ ଭଲା କ'ଣ **ଇନ୍‌ଜିଲ୍** (ଖ୍ରୀଷ୍ଟଧର୍ମୀଙ୍କ ଧର୍ମଗ୍ରନ୍ଥ) ଦ୍ୱାରା ଜଗତରେ ଏକେଶ୍ୱରବାଦ ପରିବ୍ୟାପ୍ତ ହୋଇଛି ? ଖ୍ରୀଷ୍ଟଧର୍ମୀ ଯାହାଙ୍କ ଶିକ୍ଷା ହିଁ ତିନି ଈଶ୍ୱରଙ୍କ ଉପରେ ପର୍ଯ୍ୟବସିତ । ତାଙ୍କୁ କିପରି ବା ଏକେଶ୍ୱରବାଦର ପ୍ରଚାରକ ବୋଲି କୁହାଯିବ । ତାଙ୍କ ଦୃଷ୍ଟି (ଅର୍ଥାତ୍ ମତ)ରେ ନକଲି ବୈକୁଣ୍ଠ ୟୁରୋପର ଦୁଇଟି ପ୍ରାଚୀନ ଜାତି ଋଷ ଓ ଇଂରେଜକୁ ଅଧା ଅଧା କରି ବାଣ୍ଟି ଦିଆଯିବ ଏବଂ ଅନ୍ୟ ବଡ଼

ରାଷ୍ଟ୍ରମାନଙ୍କ ମଧ୍ୟରେ ବି ତାହା ବଣ୍ଟନ ହେବ । ଆମେରିକାବାସୀ ମଧ୍ୟ କହୁଛନ୍ତି, ବରଂ ଏପରି କହିବା ଆରମ୍ଭ କରିଦେଲେଣି ଯେ ଆମେରିକାର ରାଷ୍ଟ୍ରପତି ଡ଼ୋନାଲ୍ ଟ୍ରମ୍ପ ଇସା ମସିହଙ୍କର ଦ୍ୱିତୀୟ ଆଗମନ । **ଇନ୍ନାଲିଲ୍ଲାଃ** । ଆଉ ସେମାନଙ୍କ ମତରେ ଏକେଶ୍ୱରବାଦୀ ଅଗ୍ନିରେ ନିକ୍ଷେପ କରାଯିବେ ।

ଆଜି ସଂସାରର ପୃଷ୍ଠାରେ ସେହି ବିଷୟ ଯାହାର ନାମ ଏକେଶ୍ୱବାଦ, କେବଳ ନବୀଶିରୋମଣୀଙ୍କ ସମ୍ପ୍ରଦାୟ ବ୍ୟତୀତ ଅନ୍ୟ କୌଣସି ଧର୍ମରେ ଦେଖିବାକୁ ମିଳୁ ନାହିଁ । ପବିତ୍ର କୁରଆନ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥରେ ତାହାର ଚିହ୍ନବର୍ଣ୍ଣ ମିଳୁ ନାହିଁ, ଯାହାକି କୋଟି କୋଟି ଲୋକଙ୍କୁ ଏକ ଈଶ୍ୱରଙ୍କ ଧର୍ମମତରେ ଏକତ୍ରୀତ କରୁଅଛି ଏବଂ ଅତି ମର୍ଯ୍ୟାଦା ପୂର୍ଣ୍ଣ ସହ ସେହି ପ୍ରକୃତ ଈଶ୍ୱରଙ୍କ ପ୍ରତି ମାର୍ଗଦର୍ଶନ କରୁଛି । ପ୍ରତ୍ୟେକ ଜାତି ନିଜ ନିଜର କପୋଳକଳ୍ପିତ ଈଶ୍ୱର ପ୍ରସ୍ତୁତ କରି ନେଇଛନ୍ତି ଏବଂ ମୁସଲମାନମାନଙ୍କର ଈଶ୍ୱର ସେ ଯିଏକି ଆଦ୍ୟରୁ ଅକ୍ଷୟ, ଅପରିବର୍ତ୍ତିତ, ଶାସତ୍ୱ ଓ ନିଜ ଚିରସ୍ଥାୟୀ ଗୁଣାବଳୀ ଦୃଷ୍ଟିରୁ ଏପରି ଯେମିତି ସେ ପ୍ରାରମ୍ଭରେ ଥିଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ସେହି ଯୁଗରେ ଆବିର୍ଭାବ ହେଲେ ଯେତେବେଳେ ସକଳ ଜଗତରେ **ଶିର୍କ** ଓ ପଥଭ୍ରଷ୍ଟତା ତଥା ସୃଷ୍ଟିର ଉପାସନା କରିବା ପରିବ୍ୟାପ୍ତ ହୋଇଯାଇଥିଲା ଏବଂ ସମସ୍ତ ଲୋକମାନେ ବାସ୍ତବିକ ନୀତିନିୟମକୁ ତ୍ୟାଗ କରି ଦେଇଥିଲେ ଓ ସଳଖ ମାର୍ଗକୁ ପାସୋରି ପ୍ରତ୍ୟେକ ସମ୍ପ୍ରଦାୟ ପୃଥକ ପୃଥକ କୁପ୍ରଥା ଆପଣାଇ ନେଇଥିଲେ । ଆରବରେ ପ୍ରତିମା ପୂଜାର ଅତି ଜୋର ରହିଥିଲା । ପାରସ୍ୟରେ ଅଗ୍ନି ପୂଜାର ବଜାର ଗରମ ଥିଲା, ହିନ୍ଦୁସ୍ତାନରେ ମୂର୍ତ୍ତିପୂଜା ସହିତ ସହସ୍ର ସଂଖ୍ୟାରେ ସୃଷ୍ଟିର ପୂଜା ନିଜର କାୟା ବିସ୍ତାର କରି ନେଇଥିଲା । ସୁତରାଂ ଏପରି ପୂର୍ଣ୍ଣ ପଥଭ୍ରଷ୍ଟ ସମୟରେ ପୂଣ୍ୟଶ୍ଳୋକଙ୍କର ଆବିର୍ଭାବ ହେବା ଯେବେ କି ସେହି ଯୁଗ ସ୍ୱୟଂ ଏକ ମହାନ ସୁଧାରକ ଓ ଆଧ୍ୟାତ୍ମିକ ଚିକିତ୍ସକ ଆବଶ୍ୟକ କରୁଥିଲା ଏବଂ ଐଶୀ ପଥପ୍ରଦର୍ଶକର ନିହାତି ଆବଶ୍ୟକତା ଥିଲା । ଏପରି ପରିସ୍ଥିତିରେ ମହାଭାଗଙ୍କର ପ୍ରକଟ ହୋଇ ସମଗ୍ର ଜଗତବାସୀଙ୍କୁ ଏକେଶ୍ୱରବାଦ ଓ ଉତ୍ତମ ଆଚରଣ ଦ୍ୱାରା ଉଜ୍ଜ୍ୱଳିତ କରିବା ଏବଂ **ଶିର୍କ** ତଥା ସୃଷ୍ଟିର ପୂଜା ଯାହାକି ମନ୍ଦ ଓ ଅପବିତ୍ରତାର ମୂଳ, ତାହାର ମୂଳୋତ୍ପାଟନ କରିବା ଏକଥାର ସ୍ପଷ୍ଟ ଦଲିଲ୍ ଯେ ହଜରତ ମୁହମ୍ମଦ[ସ.ଅ] ଐଶ୍ୱର୍ଯ୍ୟମୟ ଅଲ୍ଲାଃତାଲାଙ୍କର ଜଣେ ସତ୍ୟବାଦୀ ଅବତାର ଏବଂ ସକଳ ଅବତାରମାନଙ୍କ ମଧ୍ୟରେ ସେ ଶ୍ରେଷ୍ଠ ଓ ମହାନ ।

ଯେତେବେଳେ ଲୋକମାନେ ଈଶ୍ୱରଙ୍କର ମାର୍ଗରୁ ବାଟବଣା ହୋଇଯାନ୍ତି ଓ ଏକ ଈଶ୍ୱରଙ୍କର ଉପାସନା କରିବାକୁ ଛାଡ଼ି ଦିଅନ୍ତି ସେତେବେଳେ ପରାକ୍ରମୀ ଅଲ୍ଲାଃ ନିଜ ଭକ୍ତଙ୍କୁ ପୂର୍ଣ୍ଣ ବ୍ରହ୍ମଜ୍ଞାନ ପ୍ରଦାନ କରିଥା'ନ୍ତି ଏବଂ ନିଜ ବାଣୀ ଓ ଦୈବି ପ୍ରକଟନ ଦ୍ୱାରା ବିମଣ୍ଡିତ କରି ଆଦମଙ୍କ ସନ୍ତାନର ପଥପ୍ରଦର୍ଶିତ କରିଥା'ନ୍ତି । ଯଦ୍ଦ୍ୱାରା ସଂସାରରେ ଯେପରି ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି ହୋଇଯାଇଥାଏ ତାହାର ସୁଧାର ଓ ସଂସ୍କାର ହେଉ । ଏଥିରେ ଅସଲ ସତ୍ୟତା ଏହିକି ଯେ ସର୍ବଶକ୍ତିମାନ ଅଲ୍ଲାଃ ଯେ ସକଳ ବ୍ରହ୍ମାଣ୍ଡର ପ୍ରଭୁ ଯିଏକି ବ୍ରହ୍ମାଣ୍ଡକୁ ସ୍ଥାୟୀତ୍ୱ ପ୍ରଦାନ କରିଛନ୍ତି । ତାହାର ଅବ୍ୟାହତ ରହିବା ଓ ଅସ୍ତିତ୍ୱ ତାଙ୍କରି ଦ୍ୱାରା ତଥା ତାଙ୍କ ଉପରେ ନିର୍ଭରଶୀଳ । ସେ ନିଜର କୌଣସି ବିଶେଷ ଗୁଣ ଦ୍ୱାରା ନିଜ ସୃଷ୍ଟଜର ଉପକାର ସାଧିତ ହେବାରୁ ବିରତ ରହି ନଥା'ନ୍ତି, ଆଉ ନା ତାହାକୁ ବେକାର, ଦୁର୍ବଳ ଓ ଅସହାୟ ଛାଡ଼ି ଦେଇଥା'ନ୍ତି । **ବରଂ ତାଙ୍କର ପ୍ରତ୍ୟେକ ଗୁଣ ଯଥାସମୟରେ ଓ ନିମିଷକେ ପ୍ରକଟିତ ହୋଇଥାଏ ।**

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ପୁନଶ୍ଚ ଚଳିତ ଯୁଗରେ ଆମେମାନେ ଦେଖୁଅଛୁ, ଅଲ୍ଲାଃତାଲାଙ୍କ ଅଙ୍ଗୀକାର ମୁତାବକ ହୁଜୁର[ସ.ଅ]ଙ୍କର ସଚ୍ଚୋଟ ପ୍ରେମିଙ୍କୁ (ଈଶ୍ୱର) ଏକେଶ୍ୱରବାଦକୁ ସ୍ଥାପନ କରିବା ସକାଶେ ନିଯୁକ୍ତ କଲେ । ସାମ୍ପ୍ରତିକ ଯୁଗରେ ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ **ମସିହ ମଉଦ୍ ଓ ମେହଦୀ ମାହୁଦ୍,** ମହାଭାଗଙ୍କର ଶିକ୍ଷା ଓ **ସୁନ୍ନତ୍** (ଅର୍ଥାତ୍ ଅନୁସୃତ ପନ୍ଥା)ର ପାଳନ କରିବାରେ ହୁଜୁର[ଅ.ସ] ଅବିକଳ (ନମୁନା) ଥିଲେ । ହୁଜୁର[ଅ.ସ]ଙ୍କର ହୃଦୟ ହିଁ ନିଜ ପ୍ରିୟ ମୁନିବଙ୍କର ଅନୁସରଣ କରିବାରେ ପରାକ୍ରମୀ ଅଲ୍ଲାଃଙ୍କ ଏକେଶ୍ୱରବାଦକୁ ପରିବ୍ୟାପ୍ତ କରିବା ସକାଶେ ବ୍ୟଥାରେ ପରିପୂର୍ଣ୍ଣ ଥିଲା । ଅତଃ ଆମମାନଙ୍କୁ ହୁଜୁର[ଅ.ସ]ଙ୍କ ଲେଖନୀ ଓ ବାସ୍ତବିକ ଜୀବନୀରେ ତାହାର ଅନେକ ଉଦାହରଣ ଦେଖିବାକୁ ମିଳୁଅଛି । ଯହିଁରୁ କେତେକ ଏଠାରେ ମୁଁ ଉପସ୍ଥାପନ କରିଦେଉଛି,

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଈଶ୍ୱରଙ୍କର ଆମ ସହିତ ଏକ ଅଭୁତପୂର୍ଣ୍ଣ ଆଚରଣ ରହିଛି, ପ୍ରଭୁ ଆମ ପ୍ରତି ଏହି ଦୈବିବାଣୀ କଲେ- **ଅନ୍‌ତା ମିନ୍ନୀ ବିମନ୍‌ଜିଲ୍‌ତୀ ତୌହିଦୀ ଓ ତଫ୍‌ରିଦୀ** ଏହା ଏକ ନୂତନ ଶୈଳୀର ଦୈବିବାଣୀ । ଏହା ପୂର୍ବରୁ ଆମେ କୌଣସି ଦୈବିବାଣୀ ଉକ୍ତିରେ ଏହି କିସମର ଶବ୍ଦ ପରିଲକ୍ଷିତ କରି ନାହୁଁ । ଏହାର ଅର୍ଥ ଯାହା ଆମକୁ ବୁଝା ପଡୁଛି ତାହା ଏହିକି ଯେ, ଏପରି ବ୍ୟକ୍ତି ଏକେଶ୍ୱରବାଦ ସ୍ତରରେ ଅଧିଷ୍ଠିତ ରହିଥାଏ । ଯିଏକି ଏପରି ସମୟରେ ନିଯୁକ୍ତ ହୋଇଥାଏ ଯେତେବେଳେ କି ସଂସାରରେ ଈଶ୍ୱରଙ୍କ ଏକତ୍ୱ ବିଲୁପ୍ତ ହୋଇଯାଇଥାଏ ଓ ଘନ ଅନ୍ଧକାର ଛାଇ ଯାଇଥାଏ ଏବଂ ଏକ ଈଶ୍ୱର ହେବା ମତବାଦକୁ ଅତି ତୁଚ୍ଛ ଓ ଘୃଣା ଦୃଷ୍ଟିରେ ଦେଖା ଯାଇଥାଏ । ଏପରି ସମୟରେ (ଏହି ବାନାକୁ) ବହନ କରୁଥିବା ବ୍ୟକ୍ତି ଏକେଶ୍ୱରବାଦର ସାକ୍ଷାତ ପ୍ରତୀକ ସାଜିଥାଏ ।

**ଶିର୍କ** ଓ ତାହାର ସୂକ୍ଷ୍ମ ଶ୍ରେଣୀ ବିଭାଗର ଚର୍ଚ୍ଚା କରି ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏହା ମଧ୍ୟ ଆବଶ୍ୟକ ଯେ ସମସ୍ତ ପ୍ରକାରର **ଶିର୍କ**ରୁ ବିମୁଖ ହୁଅ, ନା ସୂର୍ଯ୍ୟ, ନା ଚନ୍ଦ୍ର, ନା ଆକାଶର ଗ୍ରହନକ୍ଷତ୍ର, ନା ବାୟୁ, ନା ଅଗ୍ନି, ନା ଜଳ ଓ ନା ଭୂ-ପୃଷ୍ଠର ଅନ୍ୟ କୌଣସି ବସ୍ତୁକୁ ନିଜର ଉପାସ୍ୟ ସ୍ଥିର କର । ଆଉ ନା ଜଗତର କୌଣସି ବସ୍ତୁ ଓ ମାଧ୍ୟମକୁ ଏପରି ସମ୍ମାନ କି ପ୍ରାଧାନ୍ୟ ଦିଅ ତଥା ସେଗୁଡ଼ିକ ଉପରେ ଏପରି ଭରସା କର ଯେପରିକି ଈଶ୍ୱରଙ୍କ ଉପରେ କରାଯାଇଥାଏ ଏବଂ ନା ନିଜ ସାହସ ଓ ପ୍ରଚେଷ୍ଟାକୁ ଏପରି ଚିନ୍ତା କର । କାରଣ ଏସବୁ କିଛି **ଶିର୍କ**ର ଗୋଟିଏ ଗୋଟିଏ କିସମ, ବରଂ ସକଳ ପ୍ରକାରର ଉଦ୍ୟମ ଓ କର୍ମ କରିବା ପରେ ଏପରି ମଣ ଯେ ଆମେ କିଛି ବି କରି ନାହୁଁ । **ନା ନିଜ କାର୍ଯ୍ୟ ଉପରେ ଗର୍ବ କର ଯେ ମୁଁ ଏପରି (ପୁଣ୍ୟକର୍ମ) କରିଛି, ବରଂ ପ୍ରକୃତପକ୍ଷେ ନିଜକୁ ମୁର୍ଖ, ଅଯୋଗ୍ୟ ଓ ଅଜ୍ଞାନୀ ବୋଲି ମଣିବା ଉଚିତ୍** । ଆଉ ସର୍ବଦା ପ୍ରଭୁଙ୍କ ଶରଣେ ପଡି ରହିଥାଅ । ମନୁଷ୍ୟର ଜ୍ଞାନ ଏକ ପଣ୍ଡିତର ଆବଶ୍ୟକ କରିଥାଏ । କାରଣ ତାହା ସୀମିତ, କିନ୍ତୁ ସେହି (ଈଶ୍ୱରଙ୍କ) ଜ୍ଞାନ କୌଣସି ବିଦ୍ୱାନର ଆବଶ୍ୟକତା ଲୋଡ଼ି ନଥାଏ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ଏହି ଅତ୍ୟାଧୁନିକ ଜଗତର ପ୍ରଭାବରେ କେତେକ ପିଲାମାନେ ଏହି ପ୍ରଶ୍ନ କରି ଦେଇଥା'ନ୍ତି ଓ ମୋତେ ପତ୍ର ମଧ୍ୟ ଲେଖି ଦେଉଛନ୍ତି ଯେ ଈଶ୍ୱରଙ୍କୁ କିଏ ସୃଷ୍ଟି କରିଛି ? ଈଶ୍ୱର କେଉଁଠାରୁ ଆସିଲେ ଇତ୍ୟାଦି । ସମ୍ଭବତଃ ଘରର ଗୁରୁଜନମାନେ ସେମାନଙ୍କୁ ଏହା ଶିଖାଇ ନାହାନ୍ତି ଅବା ଆପଣଛାଏଁ ସେମାନଙ୍କ ମନରେ ଏପରି ପ୍ରଶ୍ନ ଉଙ୍କି ମାରୁଛି । କିନ୍ତୁ ଈଶ୍ୱରଙ୍କ ଗୁଣାବଳୀ ଏପରି ଯେ ମହିମାମୟ ଅଲ୍ଲାଃ ଆଦ୍ୟରୁ ବିଦ୍ୟମାନ ଓ ଚିରଞ୍ଜୀବୀ ଏବଂ ସେ ଅପାର, ଅପରିମିତ । ଏଥିସକାଶେ କି ସେ ସମସ୍ତଙ୍କୁ ସୃଷ୍ଟି କରିଛନ୍ତି, କିନ୍ତୁ ତାଙ୍କୁ କେହି ସୃଷ୍ଟି କରି ନାହିଁ । ଦେଖ ଯେଉଁ ଚିନ୍ତାଧାରା ଉପୁଜିବାର ବିକଳ୍ପ ରହିଛି ଯେ ସର୍ବଶେଷରେ ଯେଉଁ ସତ୍ତା ସ୍ୱତଃ (ଶୂନ୍ୟରୁ) ଜାତ ହୋଇଛି ତାହା ଈଶ୍ୱରଙ୍କ ପବିତ୍ର ସତ୍ତା ଅଟେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ବାସ୍ତବିକ ଏକେଶ୍ୱରବାଦ ଯାହା ଈଶ୍ୱର ଆମମାନଙ୍କ ଠାରୁ ଚାହିଁଥା'ନ୍ତି ଓ ଯାହା ସ୍ୱୀକାର କରିବା ଦ୍ୱାରା ମୁକ୍ତି ଲଭିବା ସଂଶ୍ଳିଷ୍ଟ, ତାହା ଏହିକି ଯେ ଈଶ୍ୱରଙ୍କୁ ତାଙ୍କ ଅସ୍ତିତ୍ୱରେ ସମସ୍ତ କିସମର **ଶିର୍କ**ରୁ ତେଣିକି ତାହା ମୂର୍ତ୍ତି ହେଉ ଅବା ମନୁଷ୍ୟ ଅବା ସୂର୍ଯ୍ୟ ହେଉ ଅବା ଚନ୍ଦ୍ର ଅବା ନିଜକୁ ଅବା ନିଜ ଯୋଜନା, ମନ୍ତ୍ରଣା ଯନ୍ତ୍ରଣା ଆଦି ଠାରୁ ପବିତ୍ର ମଣିବା । ତାଙ୍କ ମୁକାବିଲାରେ କୌଣସି ପ୍ରକାର ପରାମର୍ଶ ଓ ପ୍ରସ୍ତାବକୁ ଉପଯୋଗୀ ତଥା ତାହା ନିୟନ୍ତ୍ରଣାଧୀନ ଥିବାର ମନେକରିବା ନାହିଁ । ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାରିକୁ ଜୀବିକା ପ୍ରଦାନକାରୀ ମନେ କରିବା ନାହିଁ । ତାଙ୍କ ବ୍ୟତୀତ ଅନ୍ୟ କେହି ସମ୍ମାନିତ ଓ ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀ ନୁହେଁ, ନା ତାଙ୍କ ବ୍ୟତୀତ ଅନ୍ୟ କାହାରିକୁ ନିଜର ସାହାଯ୍ୟ ସହଯୋଗକାରୀ ମନେ କରିବା । **ଦ୍ୱିତୀୟ** ଏହିକି ଯେ ନିଜ ପ୍ରେମ କେବଳ ତାଙ୍କ ପାଇଁ ଅନନ୍ୟ କରିଦେବା, ତାଙ୍କରି ଉପାସନା ଓ ଆରାଧନା ବିଶେଷ ଭାବରେ ସମ୍ପାଦନ କରିବା । ଆଉ ନିଜ ଆଶାଆକାଂକ୍ଷା ପୂରଣ ହେବାର ମାଧ୍ୟମ କେବଳ ତାଙ୍କୁ ହିଁ ଜାଣିବା । ପୁଣି କେବଳ ତାଙ୍କୁ ଭୟ କରିବା । **ସୁତରାଂ କୌଣସି ଏକେଶ୍ୱରବାଦ ଏହି ତିନି କିସମ ବ୍ୟତୀତ ସମ୍ପୂର୍ଣ୍ଣ ହୋଇପାରି ନଥାଏ** । **ପ୍ରଥମତଃ** ସତ୍ତା ଦୃଷ୍ଟିରୁ ଏକେଶ୍ୱରବାଦ ସକଳ ସୃଷ୍ଟଜକୁ ବିନାଶଶୀଳ ମନେ କରିବା । **ଦ୍ୱିତୀୟତଃ** ଗୁଣ ଓ ବିଶେଷତ୍ୱ ଦୃଷ୍ଟିରୁ ଏକେଶ୍ୱରବାଦ ଅର୍ଥାତ୍ ପାଳନକର୍ତ୍ତା ଓ ଈଶ୍ୱରତ୍ୱ ଗୁଣ ସେହି ପରାକ୍ରମୀ ସତ୍ତାଙ୍କ ବ୍ୟତୀତ ଅନ୍ୟ କାହାରିକୁ ସ୍ଥିର କରିବ ନାହିଁ । **ତୃତୀୟତଃ** ନିଜ ପ୍ରେମଭାବ

ଓ ସଚ୍ଚୋଟତା ତଥା ପବିତ୍ରତା ସେହି ଏକ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାରି ପାଇଁ ପରିପ୍ରକାଶ କରିବ ନାହିଁ । ଆଉ କେବଳ ତାଙ୍କରି ସତ୍ତାରେ ନିଜକୁ ହଜାଇ ଦେବ ।

ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଦେଖ ପରମେଶ୍ୱର ପବିତ୍ର କୁରଆନରେ ସତ୍ୟ ହିଁ କହିଛନ୍ତି, ଜଣେ ଦୁର୍ବଳ ମନୁଷ୍ୟକୁ ଈଶ୍ୱର ସ୍ଥିର କରିବା, ଏହାର ଖୁବ୍ ନିକଟବର୍ତ୍ତୀ ଯେ ଆକାଶ ଫାଟି ପଡିବ । ଏହି ଧାରଣରେ ମୁଁ ଏପରି ବ୍ୟଥିତ ଯେ ଯଦିଚ ଅନ୍ୟମାନେ ବୈକୁଣ୍ଠର ଅଭିଳାଷୀ କିନ୍ତୁ ମୋର ବୈକୁଣ୍ଠ ଏହିକି ଯେ ମୁଁ ନିଜ ଜୀବନରେ ଏହି **ଶିର୍କ**ର ବେଡିରୁ ମନୁଷ୍ୟକୁ ମୁକ୍ତି ପାଇବାର ଦେଖିବାକୁ ଚାହେଁ ଓ ଚତୁର୍ପାର୍ଶ୍ୱରେ ଈଶ୍ୱରଙ୍କର ଉତ୍କର୍ଷ ପ୍ରକଟ ହେଉଥିବାର ପରିଲକ୍ଷିତ କରିନିଏ । ମୋର ଆତ୍ମ ପ୍ରତିମୁହୂର୍ତ୍ତରେ ଏହି ଦୁଆ କରୁଅଛି ଯେ ହେ ପ୍ରଭୁ! ଯଦି ମୁଁ ତୁମ ନିକଟରୁ ଓ ତୁମ କୃପାବୃଷ୍ଟି ମୋ ଉପରେ ଅବତରିତ ହେଉଅଛି ତେବେ ତୁମେ ମୋତେ ସେହି ଦିନ ଦେଖାଅ । ହଜରତ ଇସା ମସିହଙ୍କ ପ୍ରତି ଷଡଯନ୍ତ୍ର ପୂର୍ବକ ଯେଉଁ ଆରୋପ ଲଗାଯାଉଛି, ତାହାକୁ ଦୂର କରିଦିଅ । ଯେପରିକି **ନଉଜୁବିଲ୍ଲାଃ** ସେ ଈଶ୍ୱର ହେବାର ଦାବି କରିଛନ୍ତି । ଏକ କାଳ ବିତି ଗଲାଣି ଯେ ମୁଁ ପାଞ୍ଚ ବେଳା ଏହି ଦୁଆ ହିଁ କରୁଥିଲି ଯେ, ଈଶ୍ୱର ସେହି ଲୋକମାନଙ୍କୁ ଦୃଷ୍ଟି ଶକ୍ତି ପ୍ରଦାନ କରନ୍ତୁ, ଯେ ସେମାନେ ଈଶ୍ୱରଙ୍କ ଏକ ହେବାକୁ ସ୍ୱୀକାର କରି ନିଅନ୍ତୁ ଏବଂ ତାଙ୍କ **ରସୁଲ୍**ଙ୍କୁ ଚିହ୍ନି ନିଅନ୍ତୁ ତଥା ତ୍ରୀତବାଦ ଆସ୍ଥାରୁ ନିବୃତ୍ତ ହୋଇଯାନ୍ତୁ ।

ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ଖ୍ରୀଷ୍ଟଧର୍ମ ତ ଏବେ ପତନାଭିମୂଖୀ । ଆଉ ତ୍ରୀତବାଦର ମତବାଦ କେବଳ ସେମାନଙ୍କ ଧର୍ମଗ୍ରନ୍ଥରେ ଦେଖିବାକୁ ମିଳୁଅଛି । ଏବେ ଖୁବ୍ କମ୍ ଲୋକେ ଏହାର ବିଶ୍ୱାସକାରୀ ବାକି ରହି ଯାଇଛନ୍ତି । ଆଉ ସେମାନେ ବିଶେଷ କରି ୟୁରୋପ, ଆଫ୍ରିକା ଓ ଦକ୍ଷିଣ ଆମେରିକାରେ ରହିଛନ୍ତି । କିନ୍ତୁ ଯେଉଁମାନେ ଏହି ଆସ୍ଥାକୁ ପରିହାର କରୁଛନ୍ତି, ସେମାନେ ବି ଏକ ଅଲ୍ଲାଃଙ୍କୁ ସ୍ୱୀକାର କରୁ ନାହାନ୍ତି । ସୁତରାଂ ଏକେଶ୍ୱରବାଦ ଆଡ଼କୁ ସେମାନଙ୍କୁ ଆଣିବା ପାଇଁ ଆମମାନଙ୍କୁ ଯେପର୍ଯ୍ୟନ୍ତ ସମ୍ଭବ ପ୍ରୟାସ କରିବା ଉଚିତ୍ । ଅଲ୍ଲାଃତାଲା କରନ୍ତୁ ଯେଉଁ ଉଦ୍ଦେଶ୍ୟ ପୁର୍ତ୍ତି ନିମନ୍ତେ ସେ ହଜରତ ମସିହ ମଉଦଅ.ସଙ୍କୁ ପ୍ରେରଣ କରିଥିଲେ, ଯେଉଁ ଏକେଶ୍ୱରବାଦର ଶିକ୍ଷା ମହାନ ଅବତାର ହଜରତ ମୁହମ୍ମଦସ.ଅ ଘୋଷଣା କରିଥିଲେ ସେହି ବାସ୍ତବ ଏକେଶ୍ୱରବାଦ ଉପରେ ଆମେମାନେ କାର୍ଯ୍ୟକାରୀ କରୁ ଏବଂ ତାହାକୁ ସଂସାରରେ ପରିବ୍ୟାପ୍ତ କରିଦେଉ । କାରଣ ଏକା ଏହି ଉପାୟରେ ହିଁ ଜଗତ ତିଷ୍ଟି ରହିପାରିବ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱରଅ.ବ ଶ୍ରୀମାନ ଖ୍ୱାଜା ଜଫର୍ ଅହମଦ ସାହେବ ପୂର୍ବତନ **ଅମିର୍** ଜମାଅତ୍ ଜିଲା ସିୟାଲ୍‌କୋଟ ଓ ଶ୍ରୀମାନ ଅଯରାଗୋ ଅଲୀ ସାହେବ ବୁର୍କିନାଫାସୋ ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

3rd April 2026

*Translated to Odia by :* Moulavi Anwar Ahmad Khan